# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭା ୧୩ଶ
ସଂ ୧୧ ସଂଖ୍ୟା

ତା. ୧୬ ଦିନ ମାହେ ମାର୍ଚ୍ଚ ସନ ୧୮୭୮ ମସିହା । ମୁ । ଚୈତ୍ର ୨ ୪ ର ସନ ୧୨୮୫ ସାଲ ଶନିବାର

ଅଗ୍ରିମ ବାର୍ଷିକମୂଲ୍ୟ ଟ ୪
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ ୬
ମଫସଲଙ୍କୁ ଡାକମାସୁଲ ଟ ୧।୵

ଏ ଜିଲର ଯେଉଁମସ୍ତ କମିସାର୍ ସମ୍ପ୍ରତି ହ୍ୟମସ୍ ସାହେବଙ୍କ ଅନଲସ୍ତ ଖାସ ବନ୍ଦୋବସ୍ତ ଲେ ଅଳ ଅଗାମୀ ବର୍ଷକୁ ଅଭ ଯେପର ବନ୍ଦୋବସ୍ତରେ ବୃଦ୍ଧି ନାହିଁ । ଗତବର୍ଷ ଏ ଖାସ-ମାନଙ୍କୁ ଉଠାଇ ଦେବା କାରଣ ମିଉନିସିପାଲ କମିଶନରମାନେ ଅନେକ ଚେଷ୍ଟା କଲେ ମାତ୍ର ହ୍ୟମସ୍ ସାହେବ ସେସମୟରେ କମିଶନର ଥିବାରୁ ତାହା ସ୍ୱୀକାର କଲେ ନାହିଁ । ସମ୍ପ୍ରତି ଯେମନ୍ତ ହ୍ୟମସ୍ ସାହେବ ଏ ଜିଲାରୁ ବଦଳି ହୋଇ ଗଲେ ତେମନ୍ତ ମାଜିଷ୍ଟ୍ରେଟ ସାହେବ ସୁଯୋଗ ପାଇ ଖାସବନ୍ଦୁ ନିଲାମ କରିବାର ଇସ୍ତାହାର ଦେଲେ । ଗତ ତାଲ ନିଲାମର ଭାରଣ ଥିଲା । ନିଲାମର ଫଳ କି ହୋଇଅଛି ଅମ୍ଭେମାନେ ଜାଣିବାର ଅବକାଶ ପାଇ ନାହୁଁ । ଭରସା କରୁଁ ଖାସ ବନ୍ଦୋବସ୍ତଠାରୁ ଅଧିକ ଜମା ଧାର୍ଯ୍ୟ ହୋଇଥିବ । ଖାଟ ଖୁଦରମାନେ ଏତେ-ଦିନେ ଅନାଥ ହେଲେ !

---

ଅମ୍ଭେମାନେ ଅନ୍ୟାନ୍ୟ ଦୂତଙ୍କ ଦ୍ୱାରା ଅବଗତ ହେଲୁଁ ଯେ ମୁଦଗାର ରାଜା ଗଡ ଉତଜାର ସମୟରେ ଏଠାରୁ ପୀଡିତ ହୋଇ ଗଡକୁ ଯାଇ ସେଠାରେ ମାନବଲୀଳା ଶେଷ କରିଅଛନ୍ତି । ଏହାଙ୍କର ଭଣଜା ଅର୍ଥାତ ଉଗଡ ରାଜାଙ୍କର କନିଷ୍ଠ ପୁତ୍ର ରାଜପଦରେ ଅଭିଷିକ୍ତ ହୋଇଅଛନ୍ତି । ମୃତରାଜାଙ୍କର ଅକାଳ ମୃତ୍ୟୁ ବଡ ଦୁଃଖର ବିଷୟ ଅଟଇ ମୁଗଲବନ୍ଦୀ ପ୍ରଜାଙ୍କ ମଧ୍ୟରେ ସେ ଅତି ଉତ୍ତମ ଥିଲେ ଏବଂ ସେ ଅଳ୍ପ ବହରରେ ବାବୁ ଜାଦବ ପ୍ରସାଦ ଖଲଙ୍କ ସାହାଯ୍ୟରେ ଆପଣା କିଲ୍ଲାର ବନ୍ଦୋବସ୍ତ କରି ଇର୍ଦ୍ଧ କରେ ଟ ୧୧୦୦୦୲ ଜମାକୁ ଟ ୨୦୦୦୦୲ ଙ୍କା ପର୍ଯ୍ୟନ୍ତ ବୃଦ୍ଧି କଲେ ପ୍ରଜାମାନଙ୍କଠାରୁ ଅନ୍ୟାନ୍ୟ ଉପ୍ପନମାନ ଲେବାର ମଧ୍ୟ ରହିତ କରିଥିଲେ । ଏହିସବୁ କାରଣରୁ ତାହାଙ୍କ ଉପରେ ପ୍ରଜାମାନେ ଯେମନ୍ତ ସନ୍ତୁଷ୍ଟ ଥିଲେ ଗବର୍ଣ୍ଣମେଣ୍ଟ ତେମନ୍ତ ତାହାଙ୍କ ଗୁଣରେ ସନ୍ତୁଷ୍ଟ ହୋଇ ତାହାଙ୍କର ସମ୍ମାନ ବଢାଇ ଥିଲେ । ଗତବର୍ଷ ସେ ରାଜାପଦ ପାଇଥିଲେ ଓ ଗତ ଦରବାରରେ ଖିଲାତ ଓ ସନଦ ପାଇଥାନ୍ତେ ମାତ୍ର ଦୈବ ତାହା ଘଟାଇ ଦେଲା ନାହିଁ । ଦରବାର ପୂର୍ବରୁ ଦାରୁଣ ରୋଗ ତାହାଙ୍କୁ ଆକ୍ରମଣ କରି ଶେଷରେ ପ୍ରାଣ ନେଇ ଗଲା ।

---

ଗତସପ୍ତାହରେ ସମ୍ବାଦ ଅସିଥିଲା ଯେ ରୁଷିଆ ଓ ତୁରସ୍କ ମଧ୍ୟରେ ସନ୍ଧିହୋଇ ସନ୍ଧିପତ୍ର ସ୍ୱାକ୍ଷରିତ ହୋଇଅଛି । କିନ୍ତୁ ଏସପ୍ତାହରେ ଯେଉଁମସ୍ତ ସମ୍ବାଦ ଅସିଅଛି ତହିଁରୁ ଜଣାଯାଏ ଯେ ସନ୍ଧିପତ୍ର ସ୍ୱାକ୍ଷରିତ ହୋଇ ନାହିଁ କେବଳ ସନ୍ଧିର ପୂର୍ବାଭାସମାନ ସ୍ଥିର ହୋଇଅଛି । ସନ୍ଧିର ସମସ୍ତ ନିୟମ ଅବଧି ଜଣାଯାଇ ନାହିଁ ଓ ସନ୍ଧିପତ୍ର ସ୍ୱାକ୍ଷରିତ ହେବାର ବିଳମ୍ବ ଅଛି । ଏଥିମଧ୍ୟରେ ଇଉରୋପୀୟ ରାଜ୍ୟ ସମସ୍ତର ପ୍ରତିନିଧିଙ୍କର ଯେଉଁସଭା ବେଡନବେଡନ ନଗରରେ ହେବାର ଥିଲା ତାହା ପରିବର୍ତ୍ତିତ ହୋଇ ବର୍ଲିନ ନଗରରେ ହେବାର ପ୍ରସ୍ତାବ ହୋଇ ଅଛି । ଜର୍ମେନୀର ସମ୍ରାଟଙ୍କର ସମ୍ମୁଖରେ ଏସଭାର କାର୍ଯ୍ୟ ହେବ । ଇଂଲଣ୍ଡ ଓ ଫ୍ରାନସ୍ ବର୍ଲିନ ନଗରରେ ସଭା ହେବା ପକ୍ଷରେ ସମ୍ମତି ଦେଇ ଅଛନ୍ତି । ଗ୍ରୀସକୁ ମଧ୍ୟ ଏସଭାକୁ ଆହୁତ ହୋଇ ଅଛି । ଏଣେ ଅଷ୍ଟ୍ରିଆ ତୁରସ୍କ ମଧ୍ୟରୁ କେତେଗୁଡିଏ ରାଜ୍ୟ ଅଧିକାର କରିବାର ଇଚ୍ଛା ପ୍ରକାଶ କରି ଅଛି ଓ ସେହି ଉଦ୍ଦେଶ୍ୟରେ ସେଠାରେ ଯୁଦ୍ଧର ଉପକରଣ ସମସ୍ତର ଆୟୋଜନ ହେଉ ଅଛି ଏରୂପେ ଦେଖାଯାଏ ଯେ ଇଉରୋପରେ ଶାନ୍ତି ବିସ୍ତାର ହେବାର ସୁଲକ୍ଷଣ ଅଦ୍ୟାପି ଦେଖା ଯାଉ ନାହିଁ ବରଂ ଯୁଦ୍ଧ ହେବାର ଶଙ୍କା ହେଉ ଅଛି ।

---

ପୁରୀର ମହାରାଜା ଚଳିତମାସ ତା ୧୧ ରିଖରେ ଦୌରା ସୁପୁର୍ଦ୍ଦ ହୋଇଅଛନ୍ତି । କେଉଁଠାରେ କେବେ ଦୌରାର ବିଚାର ହେବ ତାହା ସ୍ଥିର ହୋଇ ନାହିଁ । ଚଳିତ ମାସରେ କଟକ ଓ ପୁରୀର ଦୌରା ହେବାର ଥିଲା ତାହା ହୋଇ ଯାଇଅଛି ପୁଣି ଆଗାମୀ ମେ ମାସରେ ଦୌରା ହେବ । ତେତେବେଳ ଅବଶ୍ୟ ମହାରାଜାଙ୍କୁ ହାଜତରେ ବସି ଅପେକ୍ଷା କରିବାକୁ ହେବ । ମାତ୍ର ଅମ୍ଭେମାନେ ଶୁଣୁଅଛୁଁ ଯେ ଏହି ମାସରେ ବିଶେଷ ଦୌରା ବସାଇ ଏ ମକଦମା ବିଚାର

Digitized by srujanika@gmail.com

କରିବାର ଯତ୍ନ ହେଉଅଛି ଯଦି ତାହା ସିଦ୍ଧ ହୁଏ ତେବେ ମହାରାଜଙ୍କୁ ଅଧିକ ଦିନ ବନ୍ଦୀ ରହିବାକୁ ହେବ ନାହିଁ ଯାହା ହେବାର ସେଠାଏ ଶୀଘ୍ର ହୋଇଯିବ । ଅପରାଧଟି ବଡ଼ କଠିନ ହୋଇଅଛି । ପ୍ରଥମେ ମହାରାଜାଙ୍କ ଉପରେ ଦଣ୍ଡବିଧିର ୩୨୬ ଧାରା ଅପରାଧର ଅଭିଯୋଗ ହୋଇଥିଲା । ଏଥିମଧ୍ୟରେ ଗତ ମାସ ତା ୧୦ ରିଖରେ ଗୁରୁଦେବ ମରି ଗଲେ । ସୁତରାଂ ଅପରାଧ ଗୁରୁତର ହୋଇ ମହାରାଜାଙ୍କ ଉପରେ ୩୦୨ ଧାରା ଅନୁସାରେ ଅଭିଯୋଗ ହୋଇଅଛି । ମହାରାଜାଙ୍କ ସହିତ ଅନୁଚର ୯ ଜଣ ସୋପର୍ଦ୍ଦ ହୋଇଅଛନ୍ତି ।

ଏପ୍ରସ୍ତାବ ଲେଖାହେବା ପରଠାରୁ ଅବଗତ ହେଲୁଁ ଯେ ଏହିମାସ ତା ୨୫ ରିଖରେ କଟକରେ ଦୌରା ହେବାର ସ୍ଥିର ହୋଇ ଅଛି । ମହାରାଜାଙ୍କ ପକ୍ଷରେ ଜଣେ ବାରିଷ୍ଟର କଲିକତାରୁ ଆଣାଇବାର ବନ୍ଦୋବସ୍ତ ହେଉଅଛି ।

---

ସମସ୍ତେ କହନ୍ତି ଯେ ଲକ୍ଷେ କଥା ପୂର୍ଣ୍ଣ ନ ହେଲେ ବିବାହ ହୁଏ ନାହିଁ । ମାତ୍ର ଆମ୍ଭେମାନେ ଦେଖୁଅଛୁଁ ଯେ ବାବୁ କେଶବଚନ୍ଦ୍ର ସେନଙ୍କ ଦୁହିତାଙ୍କ ବିବାହରେ ଲକ୍ଷ କଥାରୁ ଅନେକ ବଳି ଗଲାଣି । ପ୍ରାୟ ଏକମାସ ହେବ ସମ୍ବାଦପତ୍ରମାନଙ୍କରେ କେତେ କଥା ଏହି ବିବାହ ସମ୍ପର୍କରେ ବାହାରି ଅଛି ତହିଁର ସଂଖ୍ୟା ସୀମା ନାହିଁ ଓ ଅଦ୍ୟାପି ପର୍ଯ୍ୟନ୍ତ ବାହାରିବାର ଶେଷ ହୋଇ ନାହିଁ । ଗତମାସ ତା ୬ ରିଖରେ ଯଥାବିହିତ ସମାରୋହ ପୂର୍ବକ ବିବାହ କାର୍ଯ୍ୟ ସମ୍ପନ୍ନ ହେଲା ମାତ୍ର ସେଥିର କଥା ଅଦ୍ୟାପି ଶେଷ ପାଇ ନାହିଁ । ଏଥିମଧ୍ୟରେ କଲିକତାରେ ଦୁଇ ସଭା ହୋଇ ଗଲା । ପ୍ରଥମ ସଭାଟି ଆଲବର୍ଟହଲ ନାମକ ଅଟ୍ଟାଳିକାରେ ହୋଇଥିଲା । ସେଠାରେ ଉପସ୍ଥିତ ଥିବା ସଭ୍ୟମାନେ କୁଚବେହାରର ମହାରାଜାଙ୍କ ସହିତ କେଶବ ବାବୁଙ୍କର କନ୍ୟାର ବିବାହକୁ ବ୍ରାହ୍ମଧର୍ମର ପ୍ରଚାର ଓ ଉନ୍ନତି ପକ୍ଷରେ ଅତ୍ୟନ୍ତ ଶୁଭକର ଜ୍ଞାନ କରି ମହା ଆନନ୍ଦ ପ୍ରକାଶ କଲେ ଏବଂ କେଶବ ବାବୁଙ୍କୁ ଅସଂଖ୍ୟ ଧନ୍ୟବାଦ ଦେଲେ । ଅନ୍ୟ ସଭାଟି ଟାଉନହଲରେ ହୋଇଥିଲା । ସେଠାରେ ଉପସ୍ଥିତ ଥିବା ବ୍ରାହ୍ମମାନେ କେଶବ ବାବୁଙ୍କର ଏ କାର୍ଯ୍ୟକୁ ବ୍ରାହ୍ମମାନଙ୍କ ମତ ସହିତ ଅନୈକ୍ୟ ଥିବାର ଜାଣି ତାହାଙ୍କୁ ବ୍ରାହ୍ମସମାଜର ସେକ୍ରେଟରୀ ପଦର ଅନୁପଯୁକ୍ତ ଥିବାର ଧାର୍ଯ୍ୟ କରିଅଛନ୍ତି ଏବଂ ସମାଜର କାର୍ଯ୍ୟ ବୁଝିବା ସକାଶେ ଏକ ସ୍ୱତନ୍ତ୍ର କମିଟୀ ନିଯୁକ୍ତ କରିଅଛନ୍ତି । ଏହିରୂପେ ଅନେକ ଗଣ୍ଡଗୋଳ ଲାଗିଅଛି ମାତ୍ର ଯେ ଯାହା କହୁ କେଶବ ବାବୁ ଆପଣା କନ୍ୟାକୁ ଯେମନ୍ତ ସ୍ନେହରେ ବଢାଇ ସୁଶିକ୍ଷିତ କରିଅଛନ୍ତି ସେହିପରି ତାହାଙ୍କୁ ରାଜମହିଷୀ କରି ଦେଇ ଆପଣା କର୍ତ୍ତବ୍ୟକର୍ମ ସୁନ୍ଦରରୂପେ ପୂର୍ଣ୍ଣ କଲେ ।

---

ଏଥିମଧ୍ୟରେ ଗଭର୍ଣ୍ଣମେଣ୍ଟ ଟାକ୍ସ ଆଇନ ଜାରି ହୋଇ ଟାକ୍ସ ବନ୍ଦୋବସ୍ତ କରିବାର ମହକୁମା ମନୋନୀତ ହେଲାଣି । ଏ ଜିଲା ସକାଶେ କଲେକ୍ଟର ସାହେବ ମହକୁମା ବନ୍ଦୋବସ୍ତ କରି ଗଭର୍ଣ୍ଣମେଣ୍ଟଙ୍କ ମଞ୍ଜୁରି ସକାଶେ ପଠାଇ ଅଛନ୍ତି । ଆମ୍ଭେମାନେ ଶୁଣିଲୁଁ ଯେ ବାବୁ ରମାଇ ଚରଣ ନେଉଗୀ ପ୍ରଧାନ କର୍ମଚାରୀ ହୋଇଅଛନ୍ତି । ଏ ମହାଶୟ ସଦର ସବଡିଭିଜନର ବନ୍ଦୋବସ୍ତ କରିବେ ଏବଂ ଅନ୍ୟାନ୍ୟ ସବଡିଭିଜନର ବନ୍ଦୋବସ୍ତକର୍ତ୍ତାଙ୍କର କାର୍ଯ୍ୟ ଦେଖିବେ । ବାବୁ କେଶବାନନ୍ଦ ମହାପାତ୍ର ଯାଜପୁର ଏବଂ ବାବୁ କଇଲାସ ଦାସ କେନ୍ଦ୍ରାପଡା ସବଡିଭିଜନର ଭାର ପାଇଅଛନ୍ତି । ପ୍ରଥମେ କାନୁନଗୋଇମାନେ ଟାକ୍ସଦାତାଙ୍କର ତାଲିକା କରିବେ । ସବଡିଭିଜନକର୍ତ୍ତାମାନେ ସେ ତାଲିକା ତଦାରଖ କରି ଆବଶ୍ୟକମତେ ଫେର ବଦଳ କରିବେ ଓ ଶେଷରେ ସଦର ସବଡେପୁଟୀ କଲେକ୍ଟର ବାବୁ ରମାଇଚରଣ ନେଉଗୀ ସେସବୁ ତଦାରଖ ଓ ବନ୍ଦୋବସ୍ତ କରି କଲେକ୍ଟରଙ୍କ ମଞ୍ଜୁରି ସକାଶେ ପଠାଇବେ । ଦୁଇ ତିନିମାସ ମଧ୍ୟରେ ଏସବୁ କର୍ମ ଶେଷ ହେବାର ଅନୁମାନ ହୋଇଅଛି । ରମାଇବାବୁଙ୍କ ପଦବୃଦ୍ଧିରେ ଆମ୍ଭେମାନେ ଅତ୍ୟନ୍ତ ଆନନ୍ଦ ହୋଇଅଛୁଁ । ସନ ୧୮୬୦ ସାଲର ଇନକମ ଟାକ୍ସଠାରୁ ଏପର୍ଯ୍ୟନ୍ତ ଯେତେ ଟାକ୍ସ ବସିଅଛି ପ୍ରାୟ ସମସ୍ତ ଟାକ୍ସର ବନ୍ଦୋବସ୍ତରେ ରମାଇବାବୁ ନିଯୁକ୍ତ ହୋଇ ଏ ଜିଲାର ଅବସ୍ଥାକୁ ବିଲକ୍ଷଣରୂପେ ଅବଗତ ଅଛନ୍ତି । ସଦର ଲୋକମାନେ ତାହାଙ୍କୁ ଉତ୍ତମରୂପେ ଜାଣନ୍ତି ଓ କହନ୍ତି ଯେ କେବଳ ଟାକ୍ସ ଦିଆଇବା ସକାଶେ ଗଭର୍ଣ୍ଣମେଣ୍ଟ ଏହାଙ୍କୁ ଏ ଜିଲାରେ ରଖିଅଛନ୍ତି । ମାତ୍ର ଦୁଃଖର ବିଷୟ ଯେ ଏଥର ରମାଇବାବୁ କେବଳ ବେତନ-ଠାରୁ ଲାଭ ପାଇବେ ଓ ପରିଶ୍ରମ କରି ଦେବ ସ୍ୱୀକାରରେ ବେଶି ଅଧିକା ବେତନ ଦେଇ ପାଇବେ ନାହିଁ । ତାହାଙ୍କର ବର୍ତ୍ତମାନ ବେତନ ଯାହା ଅଛି ତହିଁରେ ଟାକ୍ସର କାର୍ଯ୍ୟ କରିବେ । କଲେକ୍ଟର ସାହେବଙ୍କର ଏ ବିଷୟରେ ଉଦାସୀନତା ଓ କୃପଣତା ଦେଖି ଆମ୍ଭେମାନେ ଦୁଃଖିତ ହୋଇଅଛୁଁ ।

---

ଗତ ମାସ ତା ୨ ରିଖରେ କଲିକତାର ଭାରତବର୍ଷୀୟ ସଭାର ଉଦ୍ୟମରେ ଟାଉନହଲ ଅଟ୍ଟାଳିକାରେ ଏକ ବଡ ସଭା ହୋଇଥିଲା । ସଭାରେ ପ୍ରାୟ ଦୁଇହଜାର ଲୋକ ଉପସ୍ଥିତ ଥିଲେ । ଏସଭାରେ ଯୋଗ ଦେବା ସକାଶେ ସମସ୍ତ ଶ୍ରେଣୀର ଲୋକଙ୍କୁ ଆମନ୍ତ୍ରଣ ହୋଇଥିଲା ମାତ୍ର ଇଂରେଜମାନେ କେହି ଆସିଲେ ନାହିଁ । ସୁତରାଂ ସଭାଟି ଏକା ଦେଶୀୟଲୋକଙ୍କଦ୍ୱାରା ହୋଇଥିଲା । ସଭାର ଉଦ୍ଦେଶ୍ୟ ଅତି ମହତ୍ ଥିଲା । ତାହା ଏହି ଯେ ବର୍ଷକୁ ବର୍ଷ ଭାରତବର୍ଷର ବ୍ୟୟ ଓ ଟାକ୍ସ ବୃଦ୍ଧି ହେଉଅଛି ତହିଁରୁ ରକ୍ଷା ପାଇବା କାରଣ ବିଲାତର ପାର୍ଲିମେଣ୍ଟ ସଭାରେ ଆବେଦନ କରିବା । ସଭାରେ ଏବିଷୟରେ ଅନେକ ସୁନ୍ଦର ସୁନ୍ଦର ବକ୍ତୃତା ହୋଇଥିଲା ଓ ସଭାରେ ଉପସ୍ଥିତ ଥିବା ସମସ୍ତ ଲୋକ ଏକବାକ୍ୟରେ ଧାର୍ଯ୍ୟ କଲେ ଯେ ଭାରତବର୍ଷୀୟଙ୍କର ଅତ୍ୟନ୍ତ ଦରିଦ୍ରତା ସାମୟିକ ଦୁର୍ଭିକ୍ଷର କଷ୍ଟ ବୃଦ୍ଧି କରିବାର ପ୍ରଧାନ କାରଣ ଅଟଇ ଅତଏବ ଲୋକଙ୍କ ଉପରେ ଆଉ କୌଣସି ପ୍ରକାର ଟାକ୍ସ ନ ବସାଇ ବ୍ୟୟ କର୍ତ୍ତନ କରିବାଦ୍ୱାରା ଗଭର୍ଣ୍ଣମେଣ୍ଟଙ୍କ ଉପସ୍ଥିତ ଯୁଦ୍ଧ ସକାଶେ ପ୍ରୟୋଜନ ଥିବା ଟଙ୍କାର ସୁସାର କରିବା ଉଚିତ । ବ୍ୟୟ କର୍ତ୍ତନ କରିବାର ଅନ୍ୟାନ୍ୟ ଉପାୟ ମଧ୍ୟରେ ସୈନିକ ବ୍ୟୟ ଓ ସାଧାରଣ ପୂର୍ତ୍ତ କାର୍ଯ୍ୟର ବ୍ୟୟ ଅନେକ ନ୍ୟୂନ କରିବାର ଉପାୟ ଅଛି । ପ୍ରେଗାର ବ୍ୟୟ ସମସ୍ତ ବାଦି ଦେଲେ ଏ ଦୁଇ ବିଷୟରେ କେତେ ଟଙ୍କା ବଞ୍ଚିପାରେ ସଭା ଆପଣା ଆବେଦନ ପତ୍ରରେ ତାହା ବାହୁଲ୍ୟରୂପେ ଦେଖାଇ ଅଛନ୍ତି ଓ ଯଦ୍ୟପି ଗଭର୍ଣ୍ଣମେଣ୍ଟ ଉକ୍ତ ପ୍ରକାରେ କର୍ମ କରନ୍ତି ତେବେ ଆଉ ଟାକ୍ସ ବୃଦ୍ଧି କରିବାର ପ୍ରୟୋଜନ ହେବ ନାହିଁ । ସେହି ଆବେଦନପତ୍ର ବର୍ତ୍ତମାନ ଏ ପ୍ରଦେଶରେ ସ୍ୱାକ୍ଷରିତ ହେଉଅଛି । ତହିଁରୁ ଏକଖଣ୍ଡ ପାର୍ଲିମେଣ୍ଟର ଲର୍ଡ୍ସ ଏବଂ ଏକଖଣ୍ଡ କମନସ୍‌ଙ୍କ ସଭାରେ ଅର୍ପିତ ହେବ । ଲର୍ଡ୍

Digitized by srujanika@gmail.com